## ସଂକ୍ଷେପରେ

### ମହିଳା ମହାସଂଘ ପକ୍ଷରୁ ତ୍ରିଲୋଚନଙ୍କୁ ସମ୍ବର୍ଦ୍ଧନା



ତିହିଡ଼ି, ୧୩।୩ (ଡି.ଏନ.ଏ.): ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ଜଗନ୍ନାଥ ମହିଳା ମହାସଂଘ ପକ୍ଷରୁ ବୁଧବାର ସାମାଜିକ କର୍ମୀ ତ୍ରିଲୋଚନ ମହାଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସାଇକେଲରେ ଭାରତ ଭ୍ରମଣ କରି ଯକ୍ଷ୍ମା ସଚେତନତା ଲକ୍ଷ୍ୟ ରଖିଥିବା କାଳିମେଘା ଗ୍ରାମର ତ୍ରିଲୋଚନଙ୍କ ସଫଳତା କାମନା କରି ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ମହାସଂଘର ସମ୍ପାଦିକା ମଧୁସ୍ମିତା ରାଉତ ପୌରୋହିତ୍ୟ କରିଥିଲେ। ସଭାନେତ୍ରୀ ସବିତା ସାହୁ, ଏମ୍‌ବିକେ ସନ୍ଧ୍ୟାରାଣୀ ରାଉତ, ମମତା କୁଣ୍ଡ, ମିନତି ମହାଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହାସଂଘର ସଦସ୍ୟା ମାଣିକ ଜେନା, ପ୍ରଭାସିନୀ ବିଶୋଇ, ଶାନ୍ତିଲତା ପଟ୍ଟନାୟକ ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୀତିକବି ଶଶଧରଙ୍କ ସ୍ମୃତିଚାରଣ

ଧାମନଗର, ୧୩।୩ (ଡି.ଏନ.ଏ.): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ପୂର୍ବବନ୍ଧଟିଆ ଗ୍ରାମରେ ଆଞ୍ଚଳିକ ପୂଜ୍ୟପୂଜା ସଂସଦ ପକ୍ଷରୁ ପ୍ରତିଷ୍ଠାତା ତଥା ଗୀତିକବି ସ୍ୱର୍ଗତ ଶଶଧର ଜେନାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଅର୍ଜୁନ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ଦୈତାରୀ ମହାପାତ୍ର, ନରେନ୍ଦ୍ର ମଲ୍ଲିକ, ବିଦ୍ୟାଧର ରାଉତ, କବି ଦୟାନିଧି ମିଶ୍ର, ସୂର୍ଯ୍ୟକାନ୍ତ ନାୟକ, କାନ୍ତ ସାହିତ୍ୟ ପରିଷଦ ସଭାପତି ରସାନନ୍ଦ ମହାପାତ୍ର, ସଂସଦ ସମ୍ପାଦକ ରାମଚନ୍ଦ୍ର ସାହୁ, ମିର ଅବଦୁଲ ଦୟାନ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ମନୋଜ ଜେନା, ହେମେନ୍ଦ୍ର ମହାନ୍ତି, ନିରାକାର ରାଉତ ଓ ଦାମୋଦର ସାହୁ ପ୍ରମୁଖ କବିଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ନିରୋଦ ଜେନା ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କ ଦାବି ପୂରଣରେ ଅବହେଳା

- ଭଦ୍ରକ-ଧାମରା ରେଳପଥ ନିର୍ମାଣ ପାଇଁ ଜମି ହରାଇ ପାଇନାହାନ୍ତି କ୍ଷତିପୂରଣ
- ରେଳରୋକୋ କରିବ କୃଷକ ମଞ୍ଚ ସେବା ସମିତି

ତିହିଡି, ୧୩।୩ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ଚାଷୀଙ୍କ ଦାବି ପୂରଣ କରିବାରେ ଧାମରା ପୋର୍ଟ କମ୍ପାନୀ ଲିମିଟେଡ(ଡିପିସିଏଲ୍) ଅବହେଳା କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଭଦ୍ରକ-ଧାମରା କୃଷକ ମଞ୍ଚ ସେବା ସମିତି ପକ୍ଷରୁ ରେଳରୋକୋ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେବା ସମିତି ପକ୍ଷରୁ ତିହିଡ଼ିରେ ସୋମବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ପରେ ବୁଧବାର ଏ ସମ୍ପର୍କରେ ଡାକ ଯୋଗେ ଜିଲାପାଳ, ଏସ୍‌ପି, ତହସିଲଦାରଙ୍କ ସମେତ ଡିପିସିଏଲ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଉଲ୍ଲେଖନୀୟ ଯେ, ଭଦ୍ରକ-ଧାମରା ରେଳପଥ ନିର୍ମାଣ ପାଇଁ ଜମି ହରାଇଥିବା ଚାଷୀମାନେ ଉପଯୁକ୍ତ କ୍ଷତିପୂରଣ ପାଇ ନ ଥିବାରୁ ସେମାନେ ଭଦ୍ରକ ସବ୍‌ଜଜ୍‌ଙ୍କ କୋର୍ଟରେ ୧୮ ଧାରାରେ ମକଦ୍ଦମା କରିଥିଲେ। ମାତ୍ର ଡିପିସିଏଲ୍ ଏବଂ ପ୍ରଶାସନର ଅସହଯୋଗରୁ ଏହାର ବିଚାର ହୋଇପାରୁ ନାହିଁ।ଚାଷୀମାନେ ଭଦ୍ରକ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ରେଳପଥ ନିମନ୍ତେ ଅଧିଗ୍ରହୀତ ହୋଇଥିବା ଗୋଚର, ଶ୍ମଶାନ ଓ ଗ୍ରାମ୍ୟ ଜଙ୍ଗଲ ଜମିର ବିକଳ୍ପ ଫେରସ୍ତ ପାଇଁ ଜିଲାସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିବା ଦର୍ଶାଯାଇଛି। ଜମିହରା ପରିବାରର ଜଣେ ଲେଖାଏ ବେକାର ଯୁବକଙ୍କୁ ଡିପିସିଏଲ୍‌ରେ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ଅଦ୍ୟାବଧି ପୂରଣ ହୋଇନାହିଁ। ରେଳପଥ ସଂଲଗ୍ନ ମୌଜାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ଲାଗି ସ୍ଥିର ହୋଇଥିଲେ ମଧ୍ୟ ଏହା କରାଯାଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଆସନ୍ତା ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ରେଳରୋକୋ କରାଯିବ ବୋଲି କୃଷକ ମଞ୍ଚ ସେବା ସମିତିର ସଭାପତି ରାମଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ଦାସ, ସଦସ୍ୟ ସଚ୍ଚିକାନ୍ତ ନାୟକ, ଅମର ପାଣି, ଶରତ କର, ସୁବ୍ରତ ସ୍ୱାଇଁ ଓ ସୁଶାନ୍ତ ଘଡ଼େଇ ପ୍ରମୁଖ ଚେତାବନୀ ଦେଇଛନ୍ତି।

- ରୁକୁଣାଦେଇପୁର ପ୍ରିମିୟର କ୍ରିକେଟ ଲିଗ୍

## ଜେଜେସି କ୍ଲବ ବିଜୟୀ



ଅତିଥିଙ୍କ ସହ ବିଜୟୀ ଦଳ।

ପଦ୍ମପୁର, ୧୩।୩ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ରୁକୁଣାଦେଇପୁରଠାରେ ୨ ଦିନ ଧରି ଚାଲିଥିବା ପ୍ରିମିୟର କ୍ରିକେଟ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜେଜେସି କ୍ଲବ ବିଜୟୀ ହୋଇଛି। ୧୬ଟି କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ମ୍ୟାଚ୍ ଦିବାରାତ୍ର ଥିଲା। ଫାଇନାଲରେ ପଦ୍ମପୁର ଜେଜେସି କ୍ଲବ ଓ ସର୍ତ୍ତରପୁର ବାବା ରାମେଶ୍ୱର ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜେଜେସି କ୍ଲବ ବିଜୟୀ ହୋଇ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ରାମେଶ୍ୱର ଟିମ୍ ରନର୍ସଅପ୍ ହୋଇ ୬ ହଜାର ଟଙ୍କା ସହ ଟ୍ରଫି ହାସଲ କରିଥିଲେ। ମୁଖ୍ୟଅତିଥି ଜିଓର ଶାଖା ପରିଚାଳକ ବିଜୟ କୁମାର ଦାସ ଓ ସମିତିସଭ୍ୟ ବନଜ କୁମାର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ଦିବ୍ୟମୟ ସାହୁ, ଆଲୋକ କୁମାର ମହାପାତ୍ର, କିରଣ ମହାଭୁଇଁ ଓ ସ୍ୱସ୍ତିକ ସମୀର ମହାପାତ୍ର ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

- ଆଗରପଡ଼ା ମହୋତ୍ସବର ୨ୟ ସନ୍ଧ୍ୟା

## ‘ଏ ମାଟିର ଗର୍ବ ହରେକୃଷ୍ଣ ମହତାବ’

ବନ୍ତ, ୧୩।୩ (ସ୍ୱ.ପ୍ର.)

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଏ ମାଟିର ଗର୍ବ ଓ ଗୌରବ। ତାଙ୍କ ପାଇଁ ଆଗରପଡ଼ା ପରି ଏକ ପଲ୍ଲୀ ଅଞ୍ଚଳ ସାରା ଓଡ଼ିଶାରେ ପରିଚିତ ବୋଲି ଭଦ୍ରକ ଜିଲା ଆଗରପଡ଼ାଠାରେ ଚାଲିଥିବା ୪ର୍ଥ ବାର୍ଷିକ ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୨ୟ ସନ୍ଧ୍ୟାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟି ସଭାପତି ଆଇନଜୀବୀ ମନୋଜ ରାୟ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଭାଜପା ରାଜ୍ୟ ସମ୍ପାଦିକା ମନିଷା ବେହେରା, ଭଦ୍ରକ ମାନବାଧିକାର କମିଶନର ଅଧ୍ୟକ୍ଷା ରାଜଲକ୍ଷ୍ମୀ ମହାପାତ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ରିଚା ମହାନ୍ତି, କମିଟି ଉପସଭାନେତ୍ରୀ ମମତା ମହାନ୍ତି, ଅଧ୍ୟାପିକା ସୁନନ୍ଦାରାଣୀ ସ୍ୱାଇଁ, ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଗୋପାଳ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ହେମନ୍ତ ସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ସୁମତୀ ପଣ୍ଡାଙ୍କ ଉପସ୍ଥାପନାରେ ବିଭିନ୍ନ ଟିଭି ଚ୍ୟାନେଲରେ ଭାଗ ନେଇଥିବା ଶୁଭ୍ରସ୍ମିତା ରାଉତଙ୍କ ସଙ୍ଗୀତର ତାଳେ ତାଳେ ଦର୍ଶକମାନେ ଝୁମି ଉଠିଥିଲେ। ଦୀପ୍ତିମୟୀ ପ୍ରଧାନ, ରାଜେଶ୍ୱରୀ ପତି, ରଶ୍ମିତା ସାହୁ, ସାଇକ୍ରିଷ୍ଟା ସିଂହ ପ୍ରମୁଖ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।




ମହୋତ୍ସବର ୨ୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଭିଆଇପି ରୋଡ୍‌ର ସମ୍ପ୍ରସାରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଭଦ୍ରକ ଅଫିସ, ୧୩।୩

ଭଦ୍ରକ ପୌରାଞ୍ଚଳ ଗବସାହି ମୋଟେଲ ଛକଠାରୁ ଲେଭେଲକ୍ରସିଂ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ତଥା ଭିଆଇପି ରୋଡ୍‌ର ସମ୍ପ୍ରସାରଣ ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ସମ୍ପର୍କରେ ଗବସାହି ଗ୍ରାମର ନିରଞ୍ଜନ ଯେନା, ଗୋପାଳକୃଷ୍ଣ ଦାସ, ଜିତୁ ଦାସ, ରଶିଶୃଙ୍ଗ୍ୟ ନାୟକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ସେମାନେ ଏହାର ଏକକିତା ନକଲ ସ୍ଥାନୀୟ ତହସିଲଦାରଙ୍କୁ ଦେଇଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ନିର୍ବାଚନ ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ମୁଖ୍ୟରାସ୍ତା ଭିଆଇପି ରୋଡ୍‌ର ମାନ୍ୟତା ପାଇଛି। ଜିଲାପାଳଙ୍କ ସମେତ ଜିଲା ଆରକ୍ଷୀ ଅଧୀକ୍ଷକ, ଜିଲା ଜଜ୍, ଅତିରିକ୍ତ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ମେଡିସିନ ଓ୍ୟାର ହାଉସ ଉକ୍ତ ରାସ୍ତା ପାର୍ଶ୍ୱରେ ଅବସ୍ଥିତ। ହାଉସିଂବୋର୍ଡ, ଭିଆଇପି କଲୋନୀ, ଗେଲଗୁଆ ସମେତ ୫ ପଞ୍ଚାୟତର ଅଧିବାସୀ ଓ ଏକାଧିକ କଲୋନୀର ସହସ୍ରାଧିକ ବାସିନ୍ଦା ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ। କେତେକ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ରାସ୍ତାର ଉଭୟପାର୍ଶ୍ୱରେ ଥିବା ସରକାରୀ ଜମିକୁ ଜବରଦଖଲ କରି ସ୍ଥାୟୀ ଘର ନିର୍ମାଣ କରି ରହିଛନ୍ତି। ଫଳରେ ଏହି ରାସ୍ତାରେ ଯିବାଆସିବା କରିବା ବିପଜ୍ଜନକ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ



କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସ୍ତରୀୟ ସରକାରୀ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ବର୍ଷ ୨୦୧୮ ପ୍ରକାଶ ପାଇଛି। ସ୍ୱାମ ଶାସନର **ଶ୍ରୀମାନ୍ ତନ୍ମୟ କୁମାର ଶତପଥୀ** ଏହି ପରୀକ୍ଷାରେ କୃତିତ୍ୱ ହାସଲ କରି ସରକାରୀ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଛନ୍ତି। ସେ ସ୍ୱାମ ଶାସନର ଶିକ୍ଷକ ଶ୍ରୀଯୁକ୍ତ ଶ୍ରୀନିବାସ ଶତପଥୀ, ଶିକ୍ଷୟିତ୍ରୀ ଶ୍ରୀମତୀ ଝୁନୁରାଣୀ ପଣ୍ଡାଙ୍କ ପୁତ୍ର ତଥା ଶ୍ରୀଯୁକ୍ତ ଜଗନ୍ନାଥ ଶତପଥୀଙ୍କ ନାତି ଅଟନ୍ତି। ସୂଚନାଯୋଗ୍ୟ ଯେ ତନ୍ମୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍ୱାମପାଟଣାରେ ଅଧ୍ୟୟନ କରୁଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ତରଫରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଅଛି।

## ଛାତ୍ରୀଛାତ୍ରଙ୍କ ସ୍ୱଚ୍ଛତା ଶପଥପାଠ

ଭଦ୍ରକ ଅଫିସ, ୧୩।୩

ପରିବେଶକୁ ନିର୍ମଳ ଓ ସ୍ୱଚ୍ଛ ସବୁଜ ରଖିବା ପାଇଁ କରଣପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଧାମରା ପୋର୍ଟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍ୱଚ୍ଛତା ନେଇ ଶପଥପାଠ କରିଥିଲେ। ସେହିପରି ଛାତ୍ରୀଛାତ୍ର ସ୍ୱଚ୍ଛତା ପର୍ଯ୍ୟବସିତ ବିଭିନ୍ନ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ଧରି ୬ରୁ ଊର୍ଦ୍ଧ୍ୱ ଗ୍ରାମରେ ପଦଯାତ୍ରା କରିଥିଲେ। ଧାମରା ପୋର୍ଟ ତରଫରୁ ସ୍ୱଚ୍ଛାଗ୍ରହ କାର୍ଯ୍ୟକ୍ରମ ମାଧ୍ୟମରେ ପାର୍ଶ୍ୱବର୍ତ୍ତୀ ୭୨ଟି ବିଦ୍ୟାଳୟରେ ଅନୁରୂପ କାର୍ଯ୍ୟକ୍ରମମାନ କରାଯାଇଛି।

## ଜମି ବିବାଦକୁ ନେଇ ଗଣ୍ଡଗୋଳ

ତିହିଡ଼ି, ୧୩।୩ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବାରସର ପଞ୍ଚାୟତ ତିଆଡ଼ିସାହି ଗ୍ରାମରେ ଜମି ବିବାଦକୁ ନେଇ ୨ ପରିବାର ମଧ୍ୟରେ ବୁଧବାର ସକାଳେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟପକ୍ଷର ୩ ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଏ ନେଇ ତିହିଡ଼ି ଥାନାରେ ଅଭିଯୋଗ କରାଯାଇଛି। ଗ୍ରାମର କାର୍ତ୍ତିକ ମିଶ୍ର ପକ୍କାଘର ନିର୍ମାଣ କରୁଥିବା ବେଳେ ପଡ଼ୋଶୀ ହିମାଂଶୁ ମିଶ୍ରଙ୍କ ସହ ବିବାଦ ଉପୁଜିଥିଲା। ଏହାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ହିମାଂଶୁ ମିଶ୍ର, ତୁଳସୀ ମିଶ୍ର ଏବଂ ବାଇଧର ମିଶ୍ର ଆହତ ହୋଇଥିଲେ। ଆହତମାନଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

## ମୟୂରଭଞ୍ଜ

### ଦୁର୍ଘଟଣାରେ ବୃଦ୍ଧା ମୃତ

କପ୍ତିପଦା, ୧୩।୩(ଡି.ଏନ.ଏ): କପ୍ତିପଦା ବ୍ଲକ୍ ପେଡ଼ାଗଡ଼ି ଗ୍ରାମରେ ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ବନମାଳୀ ବାରିକଙ୍କ ସ୍ତ୍ରୀ ବାସନ୍ତୀ। ସେ ଅପରାହ୍ନରେ ଗ୍ରାମ ଦୋକାନକୁ ସଉଦା କିଣିବାକୁ ଆସିଥିଲେ। ସଉଦା କିଣି ଘରକୁ ଫେରୁଥିବାବେଳେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦଳା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ସହିତ ଟ୍ରାକ୍ଟରଟିକୁ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁହେବା ସହିତ ଟ୍ରାକ୍ଟର ଚାଳକ ଭୀମସେନ ରଣାସିଆଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

### ଭୀମସେନାରୁ କାର୍ଯ୍ୟକାରୀ ସଭାପତି ବହିଷ୍କୃତ

ବାରିପଦା ଅଫିସ, ୧୩।୩: ମୟୂରଭଞ୍ଜ ଜିଲା ଆଦିବାସୀ ଯୁବଛାତ୍ରଙ୍କ ସଙ୍ଗଠନ ‘ଭୀମସେନା’ କାର୍ଯ୍ୟକାରୀ ସଭାପତି ଧରମରାଜ ହାଁସଦାଙ୍କୁ ବହିଷ୍କାର କରାଯାଇଛି। ମାରିସାକୁ ରାଜ୍ୟସ୍ତରୀୟ ସଂଗଠନଭାବେ ଘୋଷଣା କରାଯାଇ ଏହାର ନାମକୁ ମାର୍ଚ୍ଚ ୭ ତାରିଖରେ ଭୀମସେନା ନାମରେ ନାମିତ କରାଯାଇଥିଲା। ଅପରପକ୍ଷେ କାର୍ଯ୍ୟକାରୀ ସଭାପତି ଧରମରାଜ ମାରିସା ନାମରେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବାରୁ ସଙ୍ଗଠନ ପକ୍ଷରୁ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ସର୍ବସମ୍ମତିକ୍ରମେ ସଂଗଠନ ବିରୋଧୀ କାର୍ଯ୍ୟ କରୁଥିବା ଦର୍ଶାଇ ତାଙ୍କୁ ବହିଷ୍କୃତ କରାଯାଇଛି। ଏନେଇ ଭୀମସେନା ସଭାପତି ଅର୍ଜୁନ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ତେବେ ଏସମ୍ପର୍କରେ ଧରମରାଜଙ୍କ ସହିତ ଯୋଗାଯୋଗ କରିବାରୁ ମାରିସାର ନାମ ପରିବର୍ତ୍ତନ କରିଦେଲେ କିଛି ଫରକ ପଡ଼ିବ ନାହିଁ ବୋଲି କହିଛନ୍ତି। ଆଦିବାସୀ ଯୁବଛାତ୍ରଙ୍କ ପାଇଁ ସେ ଲଢ଼େଇ ଜାରି ରଖିଥିବା ମତବ୍ୟକ୍ତ କରିଛନ୍ତି। ପ୍ରକାଶଥାଉ କି, ମଙ୍ଗଳବାର ଧରମାରାଜଙ୍କ ନେତୃତ୍ୱରେ ଜିଲାର ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଯାଇ ଆନ୍ଦୋଳନ କରାଯାଇଥିଲା।

## ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି



ବୈଠକରେ ମଞ୍ଚାସୀନ ଅତିଥି।

ଉଦଳା, ୧୩।୩ (ଡି.ଏନ.ଏ.)

କପ୍ତିପଦା ଉପଖଣ୍ଡସ୍ତରରେ ଓଡ଼ିଶା ଦିବସ-୨୦୧୯ ପାଳନ ନିମନ୍ତେ ଉଦଳା ବ୍ଲକ୍ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସହକାରୀ ଜିଲାପାଳ ଗୌରହରି ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ, ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ଉଦଳା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକ ପ୍ରମୁଖଙ୍କ ସହ ଉତ୍ସବ ପାଳନ କମିଟି ସଦସ୍ୟ, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଯୋଗଦେଇଥିଲେ । ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । ନିର୍ବାଚନ ଆଚରଣବିଧିକୁ ଲକ୍ଷ୍ୟ ରଖି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରୁ କିଛି ବାଦ୍ ଦିଆଯାଇଛି । ‘ବନ୍ଦେ ଉତ୍କଳ ଜନନୀ’ ପରିବେଷଣ, ବୀରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଭାତଫେରୀ, ବନ୍ଦନା ଆବୃତ୍ତି, ଓଡ଼ିଆ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତା, ସାଧାରଣସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି।

## ଭାଜପାର ବିଜୟ ସଂକଳ୍ପ ଯାତ୍ରା

କପ୍ତିପଦା, ୧୩।୩ (ଡି.ଏନ.ଏ.)

କପ୍ତିପଦା ବ୍ଲକ୍ ନୁଦଡ଼ିହା ମଣ୍ଡଳରେ ଭାଜପାର ବିଜୟ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି । ବରବାଡ଼ିର ବଡ଼ାମ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଏହି ଯାତ୍ରା ଶୁଭାରମ୍ଭ ହୋଇଥିଲା । ଏଥିରେ ପୂର୍ବତନ ବିଧାୟକ ଭାସ୍କର ମଢ଼େଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ସଦସ୍ୟା ପ୍ରମିଳା ପଣ୍ଡା, ଜିଲା ସମ୍ପାଦିକା ମମତା ସାହୁ, ପୂର୍ବତନ ଉଦଳା ଏନ୍‌ଏସି ନଗରପାଳ ସୌଭାଗ୍ୟ ସାହୁ, ବରିଷ୍ଠ ନେତା କମଳ ଧଳ ଯୋଗଦେଇ କେନ୍ଦ୍ର ସରକାରଙ୍କ ୫ ବର୍ଷର ସଫଳତା ଏବଂ ରାଜ୍ୟ ସରକାରଙ୍କ ୨୦ ବର୍ଷ ଶାସନର ବିଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। । ଏହାପରେ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଜବାବ ମାଗୁଛି ବେବିନା, ଜବାବ ମାଗୁଛି ଯୁବକ, ଜବାବ ମାଗୁଛି କୃଷକ ପ୍ରଦର୍ଶନ କରାଯାଇଥିଲା । ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ନୁଦଡ଼ିହା ମଣ୍ଡଳର ଗୋଳା ଗଡ଼ିଆ, ବିଶୋଳ, ଚକ୍ରଧରପୁର, ପିଙ୍ଗୁ, ମାଣିକପୁରରେ ସାଧାରଣସଭା ଅନୁଷ୍ଠିତ ହୋଇଥିଲା । କୁନ୍ତିଲତା ସାହୁ, ଆଇଟି ସେଲର ରାକେଶ ପୁହାଣ, ମଣ୍ଡଳ ସାଧାରଣ ସମ୍ପାଦକ କାହ୍ନୁ ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ଦୁଷ୍ମନ୍ତ ବେହେରା, ଯୋଗେନ୍ଦ୍ର ପାତ୍ର, ବାପି ଭଞ୍ଜ, ଚନ୍ଦନ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ସଂକଳ୍ପ ଯାତ୍ରରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଓ ଅନ୍ୟମାନେ।

- ଗାଁଠାରୁ ଦୂରରେ ନଳକୂଅ ଖୋଳାକୁ ବିରୋଧ

## ଗରା ରଖି ମହିଳାଙ୍କ ରାସ୍ତା ଅବରୋଧ

କପ୍ତିପଦା, ୧୩।୩(ଡି.ଏନ୍.ଏ.)

ନଳକୂଅ ଜନବସତିପୂର୍ଣ୍ଣ ଅଞ୍ଚଳରେ ଖୋଳା ନ ଯାଇ ଅନ୍ୟତ୍ର କରାଯାଉଥିବାରୁ କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆ ଗ୍ରାମବାସୀ ଏହାର ପ୍ରତିବାଦ କରିଛନ୍ତି । ଧାନି ମୁର୍ମୁ, ପାନ ମୁର୍ମୁ, ବାସନ୍ତୀ ହାଁସଦା, ବିଳାସିନୀ ପାତ୍ର ଓ ବାଙ୍ଗି ହାଁସଦାଙ୍କ ନେତୃତ୍ୱରେ ବୁଧବାର ଗାଁର ମହିଳାମାନେ କଟୁରିଆ ଛକ କପ୍ତିପଦା-ଶରତ ମୁଖ୍ୟ ରାସ୍ତାରେ ଗରା, ବାଲ୍‌ଟି ଓ ଡେକ୍ଚି ରଖି ରାସ୍ତା ଅବରୋଧ କରିଛନ୍ତି। ଶରତ ଥାନା ଅଧିକାରିଣୀ ରୀନା ବକ୍ସଲ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ସହିତ ଆଲୋଚନା କରିଥିଲେ। ସେ ଫୋନ୍ ଯୋଗେ କପ୍ତିପଦା ବିଡିଓ ରବୀନ୍ଦ୍ର ମଲ୍ଲିକଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବା ସହିତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ସୂଚନଯୋଗ୍ୟ ଯେ, କଟୁରିଆ ଗ୍ରାମରେ ପାଣି ସମସ୍ୟା ଉତ୍କଟରୂପ ଧାରଣ କରିଛି। ଯାହା ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଉକ୍ତ ଗ୍ରାମ ପାହାଡ଼ିଆ ଓ ପଥୁରିଆ ଅଞ୍ଚଳ ହୋଇଥିବାରୁ ଗ୍ରୀଷ୍ମଦିନେ ଜଳସ୍ତର କମିଯାଇଥାଏ । ଫଳରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଥାଏ । ଗ୍ରାମରେ ଦୁଇଟି ନଳକୂଅ ରହିଥିବାବେଳେ ପ୍ରାୟ ୧ ହଜାର ଲୋକ ବସବାସ କରନ୍ତି । ଆବଶ୍ୟକ ମୁତାବକ ପାଣି ମିଳୁ ନ ଥିବାରୁ ବାସିନ୍ଦା ଗ୍ରାମଠାରୁ ୨ କି.ମି. ଦୂର ସରସ୍ୱତୀ ପଡ଼ିଆଠାରେ ଥିବା ସୋଲାର ପାଣି ଟାଙ୍କିରୁ ଜଳ ସଂଗ୍ରହ କରିଥାନ୍ତି ।




କଟୁରିଆ ଛକରେ ଧାରଣାରେ ବସିଥିବା ମହିଳାମାନେ ।

## କୃଷି ବୈଜ୍ଞାନିକଙ୍କ ଉପଦେଷ୍ଟା ମଣ୍ଡଳୀ ବୈଠକ

ଯଶୀପୁର, ୧୩।୩(ଡି.ଏନ.ଏ.)

ଯଶୀପୁରସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବୈଜ୍ଞାନିକ ଦୀପକ ମହାନ୍ତି ଯୋଗଦେଇ ଯଶୀପୁର କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନର କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର କୃଷି ଗବେଷଣା କେନ୍ଦ୍ରର ତୁଷାର ମହାନ୍ତି, ଜିଲା କୃଷି ଅଧିକାରୀ ନନ୍ଦକିଶୋର ସିଂ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ କୃଷି ଯନ୍ତ୍ରପାତି , ଚାଷ ପ୍ରଣାଳୀ ଏବଂ ଉନ୍ନତମାନର ବିହନ ସମ୍ପର୍କରେ ଆଲୋଚନା କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ବାରିପଦା ଅଫିସ, ୧୩।୩

ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଶେଷ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଏମ୍‌ଏ ପର୍ସୋନେଲ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରମାନଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ଶେଷ ବର୍ଷ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲ, କଲମ ଏବଂ ବିଦାୟିକାଳୀନ ଉପହାର ପ୍ରଦାନ କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ନିର୍ମଳଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସହ ପରୀକ୍ଷା ନିୟନ୍ତ୍ରକ କ୍ଷୀରୋଦଚନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀ ସଙ୍ଗୀତା ସୋରେନ ସ୍ୱାଗତ ଭାଷଣ ଦେବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଦିବ୍ୟଜ୍ୟୋତି ଗିରି, ବବିତା ହେମ୍ବ୍ରମ, ସୁଭଦ୍ରା ମାରାଣ୍ଡି ପ୍ରମୁଖ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଛାତ୍ରୀ ରାଜଲକ୍ଷ୍ମୀ ଶର୍ମା, ପଲ୍ଲବୀ ଦାଶ, ପଦ୍ମିନୀ ସିଂହ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଛାତ୍ର ଚନ୍ଦନ ବେହେରା ଧନ୍ୟବାଦ ଦେଇଥିଲେ।



ଛାତ୍ରୀଛାତ୍ର ଓ ଅନ୍ୟମାନେ ।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

ବାରିପଦା ଅଫିସ, ୧୩।୩

ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ସାତଦିନିଆ ଆନ୍ତଃମହାବିଦ୍ୟାଳୟ ଜାତୀୟସେବା ଯୋଜନା ଶିବିର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଅସୀମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି କୁମରବର ଦାସ , ମୁଖ୍ୟବକ୍ତା ସତ୍ୟବ୍ରତ ପଣ୍ଡା, ଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଜାତୀୟ ସେବାଯୋଜନା ସଂଯୋଜିକା ଉଷା ଶତପଥୀ, ତରୁଣ ଓଝା, ମୀନତି ମଲ୍ଲିକ, ପୁଷ୍ପା ପାତ୍ର, ସରିତା ପୃଷ୍ଟି , ଗୋପାଳକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ‘ଭୂମି ଦ ମଦର ଆର୍ଥ’ ପତ୍ରିକାର ଦ୍ୱିତୀୟ ସଂଖ୍ୟା ଉନ୍ମୋଚିତ ହୋଇଛି। ଶିବିରରେ ୧୭ଜଣଙ୍କର ଚକ୍ଷୁ ଅସ୍ତ୍ରୋପଚାର ହେବା ସହିତ ଅନ୍ଧବିଶ୍ୱାସ, ଗୁଣିଗାରେଡି ଓ ଡାହାଣୀ ସଚେତନତା ବାର୍ତ୍ତା, ନିଶାମୁକ୍ତ ଭାରତ ଗଠନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଧରିତ୍ରୀ
DHARITRI



# ଫକୀର ମୋହନ ଚେୟାର ସ୍ଥାପନ ଦାବି ତେଜିଲା

**ବାଲେଶ୍ୱର ଅଫିସ,୧୩।୩**

ଓଡ଼ିଆ ଭାଷାର ପ୍ରାଚୀନତା ଓ ମୌଳିକତା ସର୍ବଜନବିଦିତ। ଓଡ଼ିଆ ଭାଷା ସୃଷ୍ଟିର ଆଦ୍ୟକାଳ ସମ୍ପର୍କରେ ବିଭିନ୍ନ ପ୍ରାମାଣିକ ତଥ୍ୟକୁନେଇ ଗବେଷକ ଓ ସମୀକ୍ଷକମାନେ ଏହାର ଗୁରୁତ୍ୱ ପ୍ରତିପାଦନ କରିଛନ୍ତି। ଏହି ଭାଷାକୁ ବିଳମ୍ବ ହେଲେ ବି ଶାସ୍ତ୍ରୀୟ ମାନ୍ୟତା ମିଳିବା ଏହାର ଗରିମାମୟ ଐତିହ୍ୟକୁ ପ୍ରମାଣିତ କରିଛି। ଓଡ଼ିଆ ଭାଷା ସାହିତ୍ୟର ବିକାଶ ଧାରା ଜାରି ରଖିବାକୁ ଅଧିକ ଗବେଷଣା, ଅଧ୍ୟୟନ ଓ ସାଧନା ଲୋଡ଼ା। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଫକୀର ମୋହନ ଚେୟାର ସ୍ଥାପନ କରାଯାଉ ବୋଲି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ ଅବସରରେ ବହୁ ବକ୍ତା ଓ ଅତିଥି ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି ସଭାରେ ବକ୍ତାମାନେ ଦର୍ଶାଇଥିଲେ ଯେ, ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ସମସ୍ତଙ୍କ ଲାଗି ଗର୍ବ ଓ ଗୌରବର ବିଷୟ। ଏହାର ବିକାଶ ଲାଗି ଏବେ ପଥ ପ୍ରଶସ୍ତ ହୋଇଛି। କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପରାମର୍ଶରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତ ଭାଷା ନିବେଷକ କମିଟି ଉକ୍ତ ଭାଷାର ପ୍ରାଚୀନତା ଓ ଗୁରୁତ୍ୱ ଉପଲବ୍ଧ କରିଥିଲେ। ସେମାନେ ଏହାକୁ ଶାସ୍ତ୍ରୀୟ ମାନ୍ୟତା ଦେବାକୁ ସୁପାରିସ କରିବା ପରେ ଓଡ଼ିଶାବାସୀଙ୍କ ବହୁଦିନର ଦାବି ପୂରଣ ହୋଇଥିଲା। ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ଭାଷାର ବିକାଶ ସମ୍ଭାବନା ନେଇ ବିଭିନ୍ନ ସ୍ତରରେ ଉତ୍ସୁକତା ବୃଦ୍ଧି ପାଇଛି। ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ତଥା ବ୍ୟାସକବି ଭାବେ ପରିଚିତ ଫକୀର ମୋହନଙ୍କ ନାମରେ ବାଲେଶ୍ୱରରେ ପ୍ରତିଷ୍ଠିତ ବିଶ୍ୱବଦ୍ୟାଳୟ ଏ ମାଟିର ସାରସ୍ୱତ ବୈଶିଷ୍ଟ୍ୟକୁ ରୁଦ୍ଧିମନ୍ତ କରିଛି। ଏଣୁ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଫକୀର ମୋହନ ସାହିତ୍ୟ ଉପରେ ବିଶେଷ ଆଲୋଚନା ସହ ଏ ଦିଗରେ ଅଧିକ ଗବେଷଣା ହେବା ଦରକାର। ଫକୀର ମୋହନ ଚେୟାର ପ୍ରତିଷ୍ଠା ଏ ଦିଗରେ ଉପଯୁକ୍ତ ପଦକ୍ଷେପ ହେବ ବୋଲି ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ।

ଏହି ସାନ୍ଧ୍ୟ ଆଲୋଚନା ପର୍ବରେ ଅନୁଷ୍ଠାନର ସଭାପତି ଡ. ଶିରିଶ ଜେନା ସଭାପତିତ୍ୱ କରିଥିଲେ। ଡ. ପ୍ରହ୍ଲାଦ ଚରଣ ମହାନ୍ତି ମୁଖ୍ୟଅତିଥି ଓ ପୂର୍ବତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ଆଲୋଚକ ଭାବେ ଯୋଗଦେଇ ଓଡ଼ିଆ ଭାଷାର ଗରିମା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଡା. ଗୋପାଳ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡ. ହରିଶ୍ ବେହେରା ଓଡ଼ିଆ ଭାଷାର ଆଧୁନିକ ଓ ଉତ୍ତର ଆଧୁନିକ ଯୁଗର ସାରସ୍ୱତ ବିଭବ ସମ୍ପର୍କରେ ସୂଚନା ପ୍ରଦାନ କରି ଓଡ଼ିଆ ସାହିତ୍ୟ କୌଣସି ଭୌଗୋଳିକ ସୀମା ସରହଦ ମଧ୍ୟରେ ସୀମିତ ନୁହେଁ ବୋଲି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦୀପ ଚାଟାର୍ଜୀ, ତପନ ରାୟ, କଲ୍ୟାଣୀ ନନ୍ଦ, ସଞ୍ଜୟ ପଣ୍ଡା, ସୁବ୍ରତା ମହାନ୍ତି, ଜ୍ୟୋତ୍ସ୍ନା ରାୟ, ଅରୁଣା ରାୟ, ସ୍ନିଗ୍ଧା ସାମନ୍ତ ରାୟ, ସୁଷମା ମହାପାତ୍ର, ବାସନ୍ତୀ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ମଧୁସୂଦନ ମାଝି, ବିଦ୍ୟାଧର ସାହୁ, ସୁଚିତ୍ର ସାହୁ, ଓମ୍ ସାଇକୃଷ୍ଣ ସାହୁ, ଚିତ୍ରାରାଣୀ ପାତ୍ର, ଶରତ ମହାପାତ୍ର, ଦେବାଶିଷ ସିଂହ, ଡା. ସନାତନ ଦାସ, ପ୍ରବୀର କୁମାର କାମିଲା, ତୃପ୍ତିରାଣୀ ପାତ୍ର, ଅବନ୍ତୀ ପ୍ରଧାନ, ଗୀତାରାଣୀ ପୁରି ପ୍ରମୁଖ ବହୁ ପ୍ରତିଭା ଓ ସାରସ୍ୱତ ସାଧକ ଉପସ୍ଥିତ ଥିଲେ। ଶେଷରେ ସହସମ୍ପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଉଛି।

- ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ
- ଓଡ଼ିଆ ଭାଷାର ବିକାଶ ଲାଗି ଅଧିକ ଗବେଷଣା ଲୋଡ଼ା

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବତୀଙ୍କ ଜୀବନ ଗଲା

**ବାସୁଦେବପୁର, ୧୩।୩ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାସୁଦେବପୁର-ବାଲିଛନ୍ଦା ଘାଟ ରାସ୍ତାର ଆର୍ଡୁଂ ଛକରେ ବୁଧବାର ଅପରାହ୍ଣରେ ଏକ ଅଟୋ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଆଁ ଗ୍ରାମର ମଞ୍ଜୁଲତା ବିଶ୍ୱାଳ(୨୨)। ସେ ସାଇକେଲରେ ବାଲିଛନ୍ଦାଘାଟ ନିକଟସ୍ଥ ଏକ ଶିକ୍ଷାକେନ୍ଦ୍ରକୁ ଯାଉଥିବା ବେଳେ ପଛପଟୁ ଏକ ମାଲ ବୋଝେଇ ଅଟୋ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ଅଟୋକୁ ଅଟକ ରଖିଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

- ପିଡିଏସ୍ ସାମଗ୍ରୀ ହଡ଼ପ ଘଟଣା

### ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ୨ ଗିରଫ

ଅନ୍ୟମାନଙ୍କୁ ଚାଲିଛି ଖୋଜା



**ତେଲକୋଇ, ୧୩।୩(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନର ସଲେଇକେନା ପଞ୍ଚାୟତ ଅଧୀନର ପିଡିଏସ ସାମଗ୍ରୀ ହଡପକୁ ନେଇ ଦୀର୍ଘ ୩ମାସ ହେବ ଆନ୍ଦୋଳନ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇଥିଲେ। ଗତ ସୋମବାର କାର୍ଯ୍ୟରତ ଥିବା ବିଡିଓ କର୍ମଚାରୀଙ୍କୁ ଦୀର୍ଘ ୬ଘଣ୍ଟା ତାଲାପକାଇ ଅଟକାଇବା ଘଟଣା ଦେଖାଦେଇଛି। ତେବେ ଏହି ପିଡିଏସ ଚାଉଳ ଦୁର୍ନୀତିକୁ ନେଇ ବିଡିଓ ଏବଂ ଜିଲା ଯୋଗାଣ ଅଧିକାରୀ ଯାଞ୍ଚ କରିବା ପରେ ପ୍ରକୃତ ହିତାଧିକାରୀ ପିଡିଏସ ସାମଗ୍ରୀ ନେଇଥିବା ସୂଚନା ରହିଛି । ଏପରିସ୍ଥଳେ ଗତ ସୋମବାର ବ୍ଲକ କାର୍ଯ୍ୟାଳୟକୁ ତାଲା ପକାଇ ଅବରୋଧ କରିବା ଯୋଗୁଁ ସ୍ଥାନୀୟ ବିଡିଓ ଦିଲ୍ଲୀପ କୁମାର ବାରା ଥାନାରେ ଅଭିଯୋଗ କରି ଜିଲା ପ୍ରଶାସନକୁ ଅବଗତ କରିଥିଲେ । ଏହି ଆଧାରରେ ପୋଲିସ ବୁଧବାର ସକାଳୁ ନେତୃତ୍ୱ ନେଉଥିବା ଗ୍ରାମବାସୀ ପାଙ୍ଗୁଲ ମୁଣ୍ଡା ଓ ଜଗନ୍ନାଥ ପାତ୍ରଙ୍କୁ ଗିରଫ କରିଛି। ଏନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ.୨୪/୧୯) ରୁଜୁ କରାଯାଇଛି। ବିଡିଓ ଦିଲୀପ କୁମାର ବାରାଙ୍କ କହିବାନୁଯାୟୀ ବ୍ଲକ କାର୍ଯ୍ୟାଳୟକୁ ବେଆଇନ ଭାବେ ତାଲା ପକାଇବା ଯୋଗୁଁ ଥାନାରେ ଅଭିଯୋଗ କରାଯାଇଛି। ଏସମ୍ପର୍କରେ ଥାନା ଅଧିକାରୀ ପଦ୍ମାସିନୀ ମେହେରଙ୍କୁ ପଚାରିବାରୁ ୨ଜଣଙ୍କୁ ଗିରଫ କରାଯାଇଛି। ବେଆଇନ ଭାବେ ସୂଚନା ନ ଦେଇ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇବା ଅପରାଧ ଅଟେ । ତେବେ ୨ଜଣଙ୍କ ପରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ।

### ହାତରେ ଲୁହା ରଡ୍ ଧରି ମହିଳାଙ୍କ ଭଙ୍ଗାରୁଜା ଉଦ୍ୟମ

**ହାଟଡିହୀ,୧୩। ୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଜଣେ ମହିଳା ହାତରେ ଲୁହା ରଡ ଧରି ଭଙ୍ଗାରୁଜା ଉଦ୍ୟମ କରିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏମଜିଏନଆରଇଜିଏସ ଯୋଜନାର ହିତାଧିକାରୀ ତାଲିକାରେ ତାଙ୍କ ନାଁ ସ୍ଥାନ ନ ପାଇବା ଯୋଗୁ ସେ ପ୍ରତିବାଦ ଜଣାଇ ଗଣ୍ଡଗୋଳ କରିବା ଉଦ୍ୟମ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ବୁଝାଶୁଝା ଉଦ୍ୟମ କରାଯାଇଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ଶେଷରେ ନନ୍ଦିପଦା ପୋଲିସ କର୍ମଚାରୀ ପହଞ୍ଚି ତାଙ୍କୁ ବୁଝାଶୁଝା କରି ଫେରାଇଦେଇଥିଲେ।

# ଖଣିଜ ବୋଝେଇ ଟ୍ରକ ଯୋଗୁ ରାସ୍ତା ଜାମ୍, ଲୋକେ ହଇରାଣ

**ଝୁମ୍ପୁରା, ୧୩।୩ (ଡି.ଏନ.ଏ)**

କେନ୍ଦୁଝର ଜିଲା ସ୍ୱଞ୍ଜୀ ଆଇରନ ଛକ ନିକଟରେ ୨୦ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପଳାଶପଙ୍ଗା-ବାମେବାରୀ ରାସ୍ତା ମରାମତି ଅଭାବରୁ ଦୁର୍ଘଟଣା ପ୍ରବଣ ପାଲଟିଛି। ବିଭିନ୍ନ ସମୟରେ ରାସ୍ତାର ଦୁଇ ପାର୍ଶ୍ୱରେ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଟ୍ରକ ବହୁସଂଖ୍ୟାରେ ଅଟକି ରହୁଥିବାରୁ ଲୋକେ ଯାତାୟତରେ ହଇରାଣ ହେଉଛନ୍ତି। ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ପ୍ରତିକାର ହେଉନାହିଁ।

ଯୋଡା ଖଣି ମଣ୍ଡଳକୁ ସଂଯୋଗ କରୁଥିବା ପଳାଶପଙ୍ଗା ଠାରୁ ବାମେବାରୀ ପର୍ଯ୍ୟନ୍ତ ରାସ୍ତାର ଦୂରତା ୨୯କି.ମି ହେବ। ଏହି ରାସ୍ତା ଏବେ କେନ୍ଦୁଝର ଇନଫ୍ରାଷ୍ଟ୍ରକଚର ଡେଭଲେପମେଣ୍ଟ କର୍ପୋରେଶନ (କିଡକୋ) ଅଧୀନରେ ରହିଛି। ପଳାଶପଙ୍ଗା ଏବଂ କାଳିମାଟି ଠାରେ ଗେଟ ପକାଇ କିଡକୋ କର୍ତ୍ତୃପକ୍ଷ ଟୋଲ ଆଦାୟ କରାଯାଉଥିଲେ ମଧ୍ୟ ରାସ୍ତା ମରାମତି ପ୍ରତି ଆଦୌ ଧ୍ୟାନ ଦେଉ ନାହାନ୍ତି। କାଳିମାଟି ଛକ ଠାରୁ ନୟାଗଡ ରେଲୱେ ସାଇଡିଙ୍ଗ ପର୍ଯ୍ୟନ୍ତ ଦୈନିକ ହଜାର ହଜାର ଖଣିଜ ଦ୍ରବ୍ୟ ବୋଝେଇ ଟ୍ରକ ପାର୍କିଂ କରୁଥିବା ଯୋଗୁଁ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଯାତାୟତ ଠପ୍ ହୋଇଯାଉଛି। ଏଭଳି ସମସ୍ୟା ନିତିଦିନିଆ ହୋଇଥିବାରୁ ଏବଂ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ ରାସ୍ତା ପାର୍ଶ୍ୱ ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ରାସ୍ତାର ନୟାଗଡ ରେଲୱେ ସାଇଡିଙ୍ଗକୁ ସଂଯୋଗ କରୁଥିବା ଛକ ଏବଂ ହାତୀମରା ଛକ ନିକଟରେ ଏସାର କମ୍ପାନୀର ଲୌହଗୁଣ୍ଡ ବୋଝେଇ ଟ୍ରକ ଛିଡା ହୋଇ ରହୁଥିବାରୁ ଅନ୍ୟ ଯାନବାହନ ଚଳାଚଳ କରିପାରୁନାହିଁ। ଏହି ରାସ୍ତା ଅତିକ୍ରମ କରିଯିବା ଆମ୍ବୁଲାନ୍ସ ପକ୍ଷେ ମଧ୍ୟ ସହଜ ହେଉନାହିଁ। ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଯୋଗୁଁ ବସରୁ ଓହ୍ଲାଇ ଯାତ୍ରୀମାନେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ଖଣିଜ ବୋଝେଇ ଡମ୍ପର ଅଟକିବା ଯୋଗୁଁ ୫ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତା ଜାମ ରହିଥିଲା। ଏଭଳି ସମସ୍ୟାର ପ୍ରତିକାର ପାଇଁ ଆଉ ଏକ ରାସ୍ତା ନିର୍ମାଣ ଦାବି କରି ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଟ୍ରାଫିକ ସମସ୍ୟା ସମ୍ପର୍କରେ ବାମେବାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ପରେଶ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି ଏ ସବୁ ଦିନିଆ ଘଟଣା ହୋଇଛି। ଏହାର ପ୍ରତିକାର ପାଇଁ ଯଥାସମ୍ଭବ ଚେଷ୍ଟା କରାଯାଉଛି। ଝୁମ୍ପୁରା ତହସିଲଦାର ଜନକ ନାୟକ ଅନୁରୂପ ମତାମତ ପ୍ରକାଶ କରିଛନ୍ତି। ଏସାର କମ୍ପାନୀର ଦବୁନା ବେନିଫିକେସନ ପ୍ଲାଣ୍ଟର ଜେନେରାଲ ମ୍ୟାନେଜର ଆର କେ ଶର୍ମା କହିଛନ୍ତି, କମ୍ପାନୀର ସିକ୍ୟୁରିଟି କର୍ମଚାରୀମାନେ ରାସ୍ତା ଅବରୋଧ ହଟାଇବା ପାଇଁ ଉଦ୍ୟମ କରୁଛନ୍ତି। ଆଗକୁ ଏଭଳି ସମସ୍ୟା ଦେଖାଦେବନାହିଁ।


ରାସ୍ତା ଅବରୋଧର କରାଯାଇଛି।

- ଯାତାୟାତରେ ଲୋକ ହଇରାଣ
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିଆଯାଉନାହିଁ କାର୍ଯ୍ୟାନୁଷ୍ଠାନ

# ଚିଲିମାରେ ଘାରିଲାଣି ପାନୀୟଜଳ ଚିନ୍ତା

- ଗୋଟିଏ ନଳକୂପକୁ ୫୦ ପରିବାର

**କୁଆମରା, ୧୩।୩(ଡି.ଏନ.ଏ.)**

ଦିନକୁ ଦିନ ତାତି ବଢ଼ିବାରେ ଲାଗିଲାଣି। ଲୋକଙ୍କୁ ଘାରିଲାଣି ପାନୀୟଜଳ ଚିନ୍ତା। ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ପଞ୍ଚାୟତର ଚିଲିମା ଗାଁ ବେହେରା ସାହିରେ ସ୍ଥିତି ଅସମ୍ଭାଳ ହେଲାଣି। ଗାଁ ମାଟି ପଥୁରିଆ ହେତୁ ଖରାଦିନ ଭୂତଳଜଳ ତଳମୁହାଁ ହୋଇଯାଉଛି। ପାଖାପାଖି ଜଳସ୍ତର ତିନିଶହ ଫୁଟ ତଳକୁ ଖସିଯାଉଛି। ଏଥିଯୋଗୁ ନଳକୂପଗୁଡିକରୁ ପାଣି ବାହାରିବା କଷ୍ଟ ହୋଇପଡୁଛି । ପ୍ରାୟ ନଳକୂଅ ଅସ୍ଥାୟୀଭାବେ ଅଚଳ ହୋଇଡ଼ିଲାଣି। ସବୁଠୁ ଅଧିକ ଜଳକଷ୍ଟ ୨ନଂ ୱାର୍ଡରେ ଦେଖାଦେଉଛି ବୋଲି ବାସିନ୍ଦା କହିଛନ୍ତି। ଉକ୍ତ ୱାର୍ଡରେ ପରିବାର ସଂଖ୍ୟା ପାଖାପାଖି ପଚାଶ। ଦୁଇଶହ ଲୋକଙ୍କ ପାଇଁ ଗୋଟିଏ ମାତ୍ର ନଳକୂପ ରହିଛି। କିନ୍ତୁ ଏବେ ଖରାଦିନ ଆସିଯିବାରୁ ନଳକୂଅ ପ୍ରାୟ ଅଚଳ ହୋଇଗଲାଣି ବୋଲି ଗଣେଶ୍ୱର ବେହେରା, ରଜନୀକାନ୍ତ ବେହେରା, ରାଧାମୋହନ ବେହେରା, ମୀନତି ମହାନ୍ତି, ମାଳତୀ ବେହେରା କହିଛନ୍ତି। ଅନେକ ସମୟ ନଳକୂଅ ହ୍ୟାଣ୍ଡେଲ ମାରିଲେ ଗରାଏ ପାଣି ବାହାରୁଛି। ଏଥିପାଇଁ ନଳକୂଅ ନିକଟରେ ଦିନସାରା ମହିଳାଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ତେବେ ଏ ନେଇ ପଞ୍ଚାୟତରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ନାଏବ ସରପଞ୍ଚ ତୁଷାରକାନ୍ତ ନାୟକଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧ୍ୟରେ ଅଚଳ ନଳକୂଅଗୁଡ଼ିକ ସଜଡ଼ାଯିବ ବୋଲି କହିଛନ୍ତି।

- ଯୁବତୀଙ୍କୁ ପ୍ରତାରଣା କରି ଅନ୍ୟତ୍ର ବିବାହ ଯୋଜନା ଭଣ୍ଡୁର

# ପୋଲିସ ଭୟରେ ଅଧାରାସ୍ତାରୁ ଚମ୍ପଟ ମାରିଲେ ବର

**ବାସୁଦେବପୁର/ସୋର, ୧୩।୩ (ଡି.ଏନ.ଏ.)**

ପୋଲିସ ପିଛା କରୁଥିବା ଜାଣି ଧରାପଡ଼ିଯିବା ଭୟରେ ବର ବେଶ ହୋଇ ବିବାହ କରିବାକୁ ଯାଉଥିବା ଜଣେ ଯୁବକ ଅଧାବାଟରୁ କାର୍‌ରୁ ଓହ୍ଲାଇ ଚମ୍ପଟ ମାରିଛନ୍ତି। ସେ ଜଣେ ଯୁବତୀଙ୍କୁ ଭଲପାଇ ପ୍ରତାରଣା କରି ଅନ୍ୟତ୍ର ବିବାହ କରିବାକୁ ଯୋଜନା କରିଥିଲେ। ଏ ନେଇ ପ୍ରତାରିତା ଯୁବତୀ ବାସୁଦେବପୁର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ତନାଘନା ଆରମ୍ଭ କରିଥିଲା। ବିବାହ ପାଇଁ ବର ବେଶ ହୋଇ କାର୍‌ରେ ଯାଉଥିବା ଯୁବକ ପୋଲିସ ଆସୁଥିବା ଜାଣି ଅଧାରାସ୍ତାରୁ ଖସି ପଳାଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ଜିତେନ୍ଦ୍ର ନାୟକ। ପଡ଼ୁଆଁ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ୩ ବର୍ଷ ଧରି ସମ୍ପର୍କ ରଖି ପରେ ସେ ପ୍ରତାରଣା କରିଥିଲେ। ଜିତେନ୍ଦ୍ର ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଯାଉଥିବା ନେଇ ପୀଡ଼ିତା ମଙ୍ଗଳବାର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଯୁବତୀଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୭୭/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ରାତିରେ ପୋଲିସ ସଦଳବଳ ଯାଇ ଜିତେନ୍ଦ୍ରଙ୍କ ଘର ଓ ସୋର ଅଞ୍ଚଳର କନ୍ୟାଘରେ ପହଞ୍ଚି ତନାଘନା ଚଳାଇଥିଲା। ହେଲେ ଜିତେନ୍ଦ୍ରଙ୍କ ପତ୍ତା ମିଳିପାରି ନ ଥିଲା। ପରେ ବର ବିବାହ ହେବାକୁ ଯିବା ବାଟରେ ଖସି ଚାଲିଯାଇଥିବା ପୋଲିସକୁ ସୂଚନା ମିଳିଥିଲା। କନ୍ୟାଘରେ ବରଯାତ୍ରୀଙ୍କ ପାଇଁ ରନ୍ଧାଯାଇଥିବା ଖାଦ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି। ବାହାଘର ପାଇଁ ଯାନିଯୌତୁକ ଦିଆଯାଇଥିବାରୁ କନ୍ୟାପକ୍ଷ ଲୋକେ ୨ ଜଣ ଲୋକଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ତେବେ ଏହି ଅଟକ ସମ୍ପର୍କରେ ପୋଲିସ ନିକଟରେ ଖବର ନ ଥିବା ଜଣାପଡ଼ିଛି।

# ଗୋଚର ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ବିରୋଧ


ଗୋଚର ଜମିରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ।

**ବନ୍ତ, ୧୩।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ନିଳୋକ ମୌଜାର ଗୋଚର ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ପଞ୍ଚାନନ ଦାସ, ସୁଧାଂଶୁ ନାୟକ, ଖଗେଶ୍ୱର ମହାନ୍ତିଙ୍କ ସମେତ ବହୁ ଗ୍ରାମବାସୀ ପ୍ରମୁଖ ଶାସନ ସଚିବ, ରାଜସ୍ୱ ବିଭାଗ, ଭୁବନେଶ୍ୱର, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, କଟକ, ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ତହସିଲଦାର ଓ ବନ୍ତ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ନିଳୋକ ମୌଜା ଖାତା ନମ୍ବର ୩୦୬, ପ୍ଲଟ ନମ୍ବର ୩୩୪, କିସମ-ଗୋଚର ଜମିରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଉଛି। ଏ ନେଇ ଜିଲା ସାଇଟ ସିଲେକ୍ସନ କମିଟି ପକ୍ଷରୁ କୌଣସି ଅନୁମତି ଅଣାଯାଇ ନ ଥିବାବେଳେ ଏହି ଜମିକୁ ଡି-ରିଜର୍ଭେସନ ମଧ୍ୟ କରାଯାଇ ନାହିଁ। ଅନ୍ୟପକ୍ଷେ ସରକାରୀ ଗୃହ ନିର୍ମାଣ କରିବା ପାଇଁ ନିଳୋକ ମୌଜାରେ ଆବଶ୍ୟକ ଅନାବାଦୀ ଓ ପଞ୍ଚାୟତ ଗୃହ ତିଆରି ଲାଗି ସଂରକ୍ଷିତ ଜମି ରହିଥିବାବେଳେ ସେହି ଜମିରେ କାହିଁକି ସରକାରୀ ଗୃହ ନିର୍ମାଣ କରାଯାଉ ନାହିଁ ବୋଲି ପ୍ରଶ୍ନ ଉଠିଛି। ନିଳୋକ ମୌଜାର ଲୋକସଂଖ୍ୟା ଅଧିକ ଥିବାରୁ ଗୋରୁ ଚରିବା ଏବଂ ସାଧାରଣ ଲୋକଙ୍କ ଚଳପ୍ରଚଳରେ ଅସୁବିଧା ହେବାର ଆଶଙ୍କା ରହିଛି। ଏହି ସମସ୍ୟା ନେଇ ସମ୍ପୃକ୍ତ ଗ୍ରାମବାସୀ କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ତେବେ ବିଡିଓ, ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୋର୍ଟ ପକ୍ଷରୁ ନୋଟିସ ପଠାଯାଇଛି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀଙ୍କୁ ରିପୋର୍ଟ ମଗାଯାଇଛି, ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସରକାରୀ ଜାଗାରୁ ହଟିଲା ହୋର୍ଡିଂ

**ହାଟଡିହୀ,୧୩।୩(ଡି.ଏନ୍.ଏ.)-** ଆଚରଣବିଧି ଲାଗୁ ପରେ ହାଟଡିହୀ ବିଡିଓ ସୁଶାନ୍ତ ବାରିକଙ୍କ ନେତୃତ୍ୱରେ ପିଇଓ ରମାକାନ୍ତ ଜେନା, ନରେନ୍ଦ୍ର ମାଝି ପ୍ରମୁଖ ସରକାରୀ କାନ୍ଥରେ ଲାଗିଥିବା ସରକାରୀ ବିଜ୍ଞାପନ ସହ ବିଭିନ୍ନ ଶୁଭେଚ୍ଛା ହୋର୍ଡିଂକୁ ଖୋଲିଦେବା ସହିତ ରଙ୍ଗ ମାରି ଲିଭାଇଛନ୍ତି। ଏହି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତରେ ଚାଲୁ ରହିବ ବୋଲି ବ୍ଲକ ତରଫରୁ ସୂଚନା ଦିଆଯାଇଛି।

### ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ଆନନ୍ଦପୁର,୧୩। ୩(ସ୍ୱ.ପ୍ର.)-** ଆନନ୍ଦପୁର ଥାନା ଅନ୍ତର୍ଗତ ଶାଳବଣି ପଂଚାୟତ ବଳଦୁଆଁ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍ ଆରୋହୀ ସ୍ଥାନୀୟ ପଣ୍ଡୁଆ ଗ୍ରାମର ବନମାଳି ମୁଣ୍ଡା(୩୬)। ସେ ବାଇକ୍‌ରେ ଯାଉଥିବା ସମୟରେ ବଳଦୁଆଁ ନିକଟ ରାସ୍ତା କଡରେ ଥିବା ପଥରରେ ବାଇକ୍‌ଟି ପିଟି ହୋଇଥିଲା। ଏଥିରେ ବନମାଳି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### କେନାଲ ଖୋଳାକୁ ନେଇ ଅସନ୍ତୋଷ

**ହାଟଡିହୀ,୧୩।୩(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଥିବା ସାଳନ୍ଦୀ ନଦୀରେ ସଂଯୋଗ ପାଇଁ ଖୋଳାହେଉଥିବା କେନାଲକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି କେନାଲ ଲୋକଙ୍କ ଜମିରେ ଖୋଳାଯାଉଥିବା ଅଭିଯୋଗ ହୋଇଛି। ଯେଉଁମାନଙ୍କ ଜମିରେ କେନାଲ ଖୋଳାଯାଉଛି, ସେମାନଙ୍କୁ ସରକାରୀ ଧାର୍ଯ୍ୟମୂଲ୍ୟ ଦେବାକୁ କାର୍ଯ୍ୟ କରୁଥିବା ଠିକାସଂସ୍ଥାକୁ ପ୍ରଦାନ କରାଯାଇଛି। ମାତ୍ର ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜମିରେ କେନାଲ ଖୋଳାଯାଇଥିଲେ ବି ସେମାନଙ୍କୁ ପାଉଣା ମିଳୁ ନ ଥିବା ଅଭିଯୋଗ ହୋଇଛି। ଲକ୍ଷ୍ମୀ ନାଇକ, ମୃଷୀ ନାଇକ, ନୀଳାଦ୍ରି ମାଝି, ବିଦ୍ୟାଧର ନାଇକ ପ୍ରମୁଖଙ୍କୁ କୌଣସି ଅର୍ଥ ଦିଆଯାଇନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ପ୍ରକାଶ ପାଇଲା ମେଧାବୃତ୍ତି ପରୀକ୍ଷାଫଳ

**ପାଟଣା,୧୩।୩(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବ୍ଲକ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଥିବା କଥା ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ ସୂଚନା ଦେଇଛନ୍ତି। ପ୍ରଥମରୁ ସପ୍ତମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରମାନେ ହେଲେ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କଳିଙ୍ଗ କୁମାର ସାହୁ, ହିତେଶ କୁମାର ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଟଣାର ସନ୍ଦୀପ କୁମାର ମହାନ୍ତ, ଜ୍ୟୋତିପ୍ରକାଶ ଗିରି, ତନ୍ମୟ କୁମାର ଶତପଥୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁରୁମୁଙ୍ଗାର ହିମାଂଶୁ ଶେଖର ପୃଷ୍ଟି ଓ କାଶୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶକ୍ତିରଞ୍ଜନ ପାତ୍ର। ଚଳିତ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଙ୍କୁ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତ, ଏବିଇଓ ଜଗବନ୍ଧୁ ମହାନ୍ତ ଓ ନରୋତ୍ତମ ସାହୁ ଶୁଭେଚ୍ଛା ଜଣାଇବା ସହ ଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସମାଧାନ ନ ହେଲେ ଭୋଟବର୍ଜନ ଚେତାବନୀ

**କେନ୍ଦୁଝର, ୧୩।୩(ସ୍ୱ.ପ୍ର.)**

ବାଂଶପାଳ ବ୍ଲକ କାଦକଳା ପଞ୍ଚାୟତର ଖଣ୍ଡାଧାର ପାହାଡ଼ ଉପରେ ରହୁଥିବା ଉପର କାଦକଳା ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ଭୂୟାଁ, ମୁଣ୍ଡା ଓ ଗଉଡ଼ ବନବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ । ତେବେ ନିର୍ବାଚନ ପାଇଁ ଅଭିଯୋଗ ଶୁଣାଣି ବନ୍ଦ ଥିବା ବେଳେ ଜିଲାପାଳଙ୍କ ସହିତ ଆଲୋଚନା କରି ଫେରିଛନ୍ତି। ତେବେ ଉକ୍ତ ଗ୍ରାମର ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନର ଆନ୍ତରିକତା ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ଉପର କାଦକଳାରୁ ତଳ କାଦକଳାକୁ ରାସ୍ତା ନିର୍ମାଣ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଏହି ଗ୍ରାମରେ ପାଖାପାଖି ୧୭୦ ପରିବାର ରହୁଛନ୍ତି। କିନ୍ତୁ ପଞ୍ଚାୟତ ମୁଖ୍ୟାଳୟକୁ ରାସ୍ତା ନ ଥିବାରୁ ପାହାଡ଼ିଆ ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତ କରନ୍ତି। ଏ ନେଇ ବିରୋଧ କରାଯିବାରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଏଥିପାଇଁ ଖୋଦ୍ ଜିଲାର ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୃଷୀକେଶ ନାୟକ ଯୋଗଦେଇ ୨୭।୬।୨୦୧୭ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ଏହାର ନିର୍ମାଣ ଅବଧି ଶେଷ ହୋଇଯାଇଥିଲେ ହେଁ ରାସ୍ତା ନିର୍ମାଣ ହୋଇପାରିନାହିଁ । ଫଳରେ ଲୋକମାନେ ପାହାଡ଼ିଆ ରାସ୍ତା ଦେଇ ପିଡିଏସ୍ ସାମଗ୍ରୀ ଆଣିବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଛନ୍ତି। ପିଲାମାନେ ସ୍କୁଲକୁ ମଧ୍ୟ ବିପଦପୂର୍ଣ୍ଣ ରାସ୍ତାରେ ଯିବା ଆସିବା କରୁଥିବା ବେଳେ ଗ୍ରାମକୁ ଭଡ଼ାଗାଡି କି ଆମ୍ବୁଲାନ୍ସ ଯିବାକୁ ଆଗ୍ରହ କରୁନାହାନ୍ତି। ତେବେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ଯେଉଁ କାମ ଚାଲିଛି ସେସବୁ ଚାଲିବ ବୋଲି ଜିଲାପାଳ ଆଶିଷ ଠାକରେ କହିଛନ୍ତି। ବାରମ୍ବାର ଏଭଳି ଆଶ୍ୱାସନା ଦିଆଯାଉଥିଲେ ହେଁ କାମ ହେଉ ନ ଥିବାରୁ ଲୋକମାନେ ବହୁ ସମୟ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣାରେ ବସିଥିଲେ।

ପ୍ରକାଶ ଯେ, ୨ କୋଟି ୭୧ ଲକ୍ଷ ବ୍ୟୟରେ ୫.୭୩ କି.ମି. ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇ କାର୍ଯ୍ୟାଦେଶ ହୋଇଛି। ୨୮।୪।୨୦୧୭ରେ କାର୍ଯ୍ୟ ଆରମ୍ଭ ହୋଇ ୨୩।୩।୨୦୧୮ରେ ଶେଷହେବ ବୋଲି ସୂଚନା ଫଳକରେ ଦର୍ଶାଯାଇଛି । ସୂଚନା ଫଳକଅନୁଯାୟୀ କାମ ଶେଷ ହୋଇଯାଇଛି। କିନ୍ତୁ ଅଦ୍ୟାବଧି ରାସ୍ତା କାମ ଆରମ୍ଭ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି। କାମ ଆରମ୍ଭ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ବୋର୍ଡ ପାଖରେ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଫଳକ ଲଗାଇ ବିଭାଗ କାମ ଶେଷ କରିଦେଇଛି । ଏଣୁ ଏହାକୁ ନେଇ ଜନଅସନ୍ତୋଷ ବଢିବାରେ ଲାଗୁଥିବା ବେଳେ ଆଦିବାସୀ ଓ ଆଦିବାସୀ ଅଞ୍ଚଳ ପ୍ରତି ପ୍ରଶାସନର ଆଭିମୁଖ୍ୟ ଏଥିରୁ ସ୍ପଷ୍ଟ ହୋଇଯାଇଛି ବୋଲି ଆଦିବାସୀମାନେ କହିଛନ୍ତି। ରାସ୍ତା ନ ଥିବାରୁ ହାଟ, ବଜାର, ଡାକ୍ତରଖାନା, ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ବଣଜଙ୍ଗଲଘେରା ପାହାଡ଼ ରାସ୍ତାରେ ଚାଲି ଚାଲି ପ୍ରାୟ ୪/୫ କି.ମି. ଯିବାକୁ ପଡୁଛି ବୋଲି ସରପଞ୍ଚ ସାଇବାଣୀ ଦେହୁରୀ ସମେତ ବହୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କଲେ କେତେବେଳେ ସୋଲାର ଲାଇଟ ଯୋଗାଇ ଦିଆଯିବ ତ କେତେବେଳେ ତାର ଟଣାଯାଇ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି କହି ବିଭାଗ ଭଣ୍ଡାଉଥିବା କହିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

## ଭୋଟରଙ୍କୁ ସଚେତନ କଲେ ଉପଜିଲାପାଳ



ରାସ୍ତା ଉପରେ ଉପଜିଲାପାଳଙ୍କ ଦ୍ୱାରା ଭିଭିପିଏଟି ସମ୍ପର୍କରେ ସୂଚନା।

**ଚମ୍ପୁଆ, ୧୩।୩(ଡି.ଏନ.ଏ.)**

୨୦୧୯ ସାଧାରଣ ନିର୍ବାଚନରେ ଭୋଟହାର ବୃଦ୍ଧି ଓ ଭୋଟରଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ଉପଜିଲାପାଳ ପାରୁଲ ପଟାୱରୀ ରାସ୍ତା ଉପରେ ଠିଆହୋଇ ଭୋଟରମାନଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଛି। ଭୋଟରଙ୍କୁ ଇଭିଏମ୍, ଭିଭିପିଏଟିର ଉପକାରିତା ଏବଂ ଭୋଟ ଦେବାର କୌଶଳ ସମ୍ବନ୍ଧରେ ବୁଝାଇଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଏକ ଡେମୋକ୍ରାସି ରଥ ବ୍ଲକ ବୁଲିବା ସହିତ ଭୋଟରଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ସୂଚନା ପ୍ରଦାନ କରିଛି। ଏହି ରଥ ଯୋଡ଼ା ବ୍ଲକ ଅତିକ୍ରମ କରି ଚମ୍ପୁଆରେ ପହଞ୍ଚିବା ପରେ ଉପଜିଲାପାଳ ଓ ବିଡିଓ ନୂପୁର ଚାନ୍ଦଗୋଟିଆ, ସହକାରୀ ଜିଲାପାଳ ସପନ କୁମାର ସାହୁ ଉପସ୍ଥିତ ରହି ଭୋଟ ଦେବାର କୌଶଳ ସମ୍ବନ୍ଧରେ ବୁଝାଇଥିଲେ। ବହୁସଂଖ୍ୟାରେ ଜନସାଧାରଣ ଭିଭିପିଏଟି ସମ୍ବନ୍ଧରେ ପଚାରି ବୁଝିବା ସହିତ ଉପଜିଲାପାଳଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

■ ଆଞ୍ଚଳିକ ଶିଶୁ ପ୍ରତିଭା ମହୋତ୍ସବ

# ୭୨ ପ୍ରତିଯୋଗୀ ପୁରସ୍କୃତ



ଆଞ୍ଚଳିକ ଶିଶୁ ପ୍ରତିଭା ମହୋତ୍ସବରେ ଉପସ୍ଥିତ ଅତିଥି।

**ତେଲକୋଇ, ୧୩।୩(ଡି.ଏନ୍.ଏ.)**

ତେଲକୋଇ ବ୍ଲକରେ କାର୍ଯ୍ୟରତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ୟୁଏସି(ୟୁନିଫାଏଡ ଆକ୍ସନ କାଉନ୍‌ସିଲ) ଏବଂ ବିଦ୍ୟାଳୟ ସମୂହଙ୍କ ସହଯୋଗରେ ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗୋଳାବନ୍ଧ ପରିସରରେ ଆଞ୍ଚଳିକ ଶିଶୁ ପ୍ରତିଭା ମହୋତ୍ସବ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ଜଗମୋହନପୁର, ଛାମୁଣ୍ଡା, ଦୋବଲାପାଳ ଏବଂ ସଲେଇକେନା ପଞ୍ଚାୟତର ୩୧ଟି ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ସ୍ଥାନୀୟ ସିଆର୍‌ସିସି ଓ ୨୫ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବରିଷ୍ଠ ଓ କନିଷ୍ଠ ବିଭାଗର ୧୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରତିଭାର ପରିଚୟ ସୃଷ୍ଟି କରିଥିଲେ। ମହୋତ୍ସବର ପୁରସ୍କାର ବିତରଣୀ ଉତ୍ସବରେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପୀରଞ୍ଜନ ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତେଲକୋଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିରଞ୍ଚି ନାରାୟଣ ଶତପଥୀ, ମୁଖ୍ୟବକ୍ତା ଭାବେ ଦୋବଲାପାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ବାରିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ଶଶଧର ସେଠୀ, ଦୀନବନ୍ଧୁ ମୁଣ୍ଡା ଏବଂ ଶିକ୍ଷକ ନିରାକାର ଚଇନି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୭୨ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସଙ୍ଗଠନର କ୍ଷେତ୍ରୀୟ ସଂଯୋଜକ ଅଶୋକ କୁମାର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ୟୁଏସି ସଙ୍ଗଠନର କର୍ମୀବୃନ୍ଦ, ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପରିତ୍ୟକ୍ତ କୂଅରୁ ମୃତଦେହ ଉଦ୍ଧାର

**ପାଟଣା,୧୩।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୂଳୀ ପଞ୍ଚାୟତ ଭୁଲୁଦା ଗ୍ରାମ ନିକଟ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ କୂଅ ମଧ୍ୟରୁ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ତୁରୁମୁଙ୍ଗା ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଚେମେଣା ପଞ୍ଚାୟତ ବଳିଆପଶି ଗ୍ରାମର ନରେନ୍ଦ୍ର ବେହେରା। ସୂଚନା ଅନୁଯାୟୀ, ନରେନ୍ଦ୍ର ଗତ ଶନିବାର ରାତିରେ ଭୁଲୁଦା ଗ୍ରାମକୁ ବରଯାତ୍ରୀ ଭାବେ ଯାଇ ଆଉ ଘରକୁ ଫେରି ନ ଥିଲେ। ୪ ଦିନ ହେଲା ସେ ନିଖୋଜ ଥିଲେ। ଗାଁ ଲୋକେ ବୁଧବାର ସକାଳୁ ଜଙ୍ଗଲକୁ ଯିବା ସମୟରେ କୂଅ ଭିତରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ତୁରୁମୁଙ୍ଗା ପୋଲିସ ଓ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏସ୍ଆଇ ସୁଶୀଳା ବାର୍ଲା ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୧୯) ରୁଜୁକରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସ୍ଆଇ ବାର୍ଲା କହିଛନ୍ତି।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ସ୍ତରୀୟ ସରକାରୀ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ବର୍ଷ ୨୦୧୮ ପ୍ରକାଶ ପାଇଛି। ସ୍ୱାମ ଶାସନର **ଶ୍ରୀମାନ୍ ତନ୍ମୟ କୁମାର ଶତପଥୀ** ଏହି ପରୀକ୍ଷାରେ କୃତିତ୍ୱ ହାସଲ କରି ସରକାରୀ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଛନ୍ତି। ସେ ସ୍ୱାମ ଶାସନର ଶିକ୍ଷକ ଶ୍ରୀଯୁକ୍ତ ଶ୍ରୀନିବାସ ଶତପଥୀ, ଶିକ୍ଷୟତ୍ରୀ ଶ୍ରୀମତୀ ଝୁନୁରାଣୀ ପଣ୍ଡାଙ୍କ ପୁତ୍ର ତଥା ଶ୍ରୀଯୁକ୍ତ ଜଗନ୍ନାଥ ଶତପଥୀଙ୍କ ନାତି ଅଟନ୍ତି। ସୂଚନାଯୋଗ୍ୟ ଯେ ତନ୍ମୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍ୱାମପାଟଣାରେ ଅଧ୍ୟୟନ କରୁଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ତରଫରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଅଛି।

## ମହୁଲ ବୋଝେଇ ପିକ୍‌ଅପ୍ ଜବତ, ୨ ଗିରଫ

**କେନ୍ଦୁଝର, ୧୩।୩ (ସ୍ୱ.ପ୍ର.)**



ଜବତ ଗାଡି।

କେନ୍ଦୁଝର ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ବୁଧବାର ସକାଳେ ଏକ ମହୁଲ ବୋଝେଇ ପିକଅପ୍ ଭ୍ୟାନ ଜବତ୍ କରି ଗାଡିରେ ଥିବା ୪ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ଗିରଫ କରିଛି। ଅନ୍ୟ ୨ ମହୁଲ ବେପାରୀ ସହ ସମ୍ପୃକ୍ତ ନଥିବା କହି ହାଟକୁ ଯାଉଥିବା କହି ଛାଡିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ହୋଇଛି। ମିଳିଥିବା ସୂଚନା ଅନୁସାରେ, ବୁଧବାର ସକାଳ ପ୍ରାୟ ୮ଟା ୩୦ରେ ଏକ ଚୋରା ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ ହରିଚନ୍ଦନପୁର-ଭଗାମୁଣ୍ଡା ରାସ୍ତାରେ ଦ୍ରୁତଗତିରେ ଯାଉଥିବା ଅବକାରୀ ଥାନା କର୍ତ୍ତୃପକ୍ଷଙ୍କୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଥାନା କର୍ତ୍ତୃପକ୍ଷ ଚୋରା ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ପିଛା କରି ହରିଚନ୍ଦନପୁର-ଭଗାମୁଣ୍ଡା ରାସ୍ତାର ରଙ୍ଗାମାଟିଆଠାରେ ଅଟକ ରଖିଥିଲେ। ଗାଡିରେ ଥିବା ୪ଜଣଙ୍କୁ ଅବକାରୀ ଥାନା କର୍ତ୍ତୃପକ୍ଷ ଅଟକ ରଖିଥିଲେ। ପରେ ଏହି ଚାରିଜଣଙ୍କ ମଧ୍ୟରୁ ୨ଜଣ ଶ୍ରମିକ ଏବଂ ଜଣେ ଗାଡି ମାଲିକ ଓ ଜଣେ ଡ୍ରାଇଭର ବୋଲି ଜଣାପଡିଥିଲା। ଗାଡି ମାଲିକ ମଣନ୍ଦାଘର ଅଞ୍ଚଳର ଦେବାନନ୍ଦ ପୃଷ୍ଟି ଏବଂ ଗାଡି ଡ୍ରାଇଭର ହରିଚନ୍ଦନପୁରର ଚିନ୍ମୟ ସାହୁଙ୍କୁ ଅବକାରୀ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଅବକାରୀ ବିଭାଗ ୨ଜଣଙ୍କୁ ସଂପୃକ୍ତି ନଥିବା କହି ଛାଡିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି। ତଦନ୍ତ କରାଯାଉଥିବା ଅବକାରୀ ଅଧୀକ୍ଷକ ପ୍ରଦୀପ ପଟ୍ଟନାୟକ କହିଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା

**ଯୋଡ଼ା, ୧୩।୩(ଡି.ଏନ.ଏ.)**

ଯୋଡ଼ାସ୍ଥିତ ସରକାରୀ ବିଦ୍ୟାଳୟରେ ସହକାରୀ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକାର୍ଯ୍ୟରେ ସହକାରୀ ଶିକ୍ଷକ ବିଭୂତି ଭୂଷଣ ତ୍ରିପାଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ଶଙ୍କର୍ଷଣ ମାରାଣ୍ଡି, ପ୍ରଶାନ୍ତ କୁମାର ମିଶ୍ର, ମିଶ୍ର ଚନ୍ଦ୍ର ମହାନ୍ତ, ପରିଚାଳନା କମିଟି ସଭାପତି ଅଚ୍ୟୁତାନନ୍ଦ ପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ ।

# ଚାଲିଛି ବେଧଡ଼କ ଚୋରାକାଠ କାରବାର

**ଅସୁରକ୍ଷିତ ବନ କର୍ମଚାରୀ**

**କେନ୍ଦୁଝର, ୧୩।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଦେଓବନ୍ଧ ବନବିଭାଗ ଅଧୀନ ଜାମୁଯୋଡି ଗ୍ରାମ ନିକଟରେ ବାଇକରେ ଚୋରା କାଠ ଯାଉଥିବା ବେଳେ ବନ ବିଭାଗ କର୍ମଚାରୀ ଜବତ କରିବାକୁ ଉଦ୍ୟମ କରିବାରୁ ମାଫିଆ ମାନଙ୍କ ଶିକାର ହୋଇଥିବା ଜଣାପଡିଛି। ଏହି ଘଟଣାରେ ମହିଳା ବନପାଳଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହେଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଶ୍ରୀନିବାସ ସାହୁ ଓ ଜାମୁଯୋଡି ଗ୍ରାମର ପ୍ରଭାତ ସାହୁ।

ମଙ୍ଗଳବାର ସନ୍ଧ୍ୟା ସମୟରେ ଝାଲକାଣି ଗ୍ରାମ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ଦେଓବନ୍ଧ ବନପାଳ ମୋହିନୀ ମହାନ୍ତ ଓ ବନ ସ୍କ୍ୱାର୍ଡ ସେଠାକୁ ଯାଇ ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରିଥିଲେ। ସେଠାରୁ ଫେରୁଥିବା ସମୟରେ ଜାମୁଯୋଡି ଗ୍ରାମ ନିକଟରେ (ଓଆର-ଏଲ-୫୦୭୭) ନମ୍ବର ବାଇକରେ ଚୋରା କାଠପଟା ଯାଉଥିବାର ଦେଖିବାକୁ ପାଇଥିଲେ । ସେମାନେ ତାକୁ ପିଛା କରି ଆଟପୁର ଗ୍ରାମରେ ପହଞ୍ଚିଥିଲେ। ବାଇକକୁ ଅଟକାଇ ଚୋର କାଠ ଜବତ କରିବା ସମୟରେ ଗ୍ରାମବାସୀ ଆକ୍ରମଣ କରିଥିଲେ। ଏନେଇ ବନପାଳଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ କରୁଛି। ତାଙ୍କୁ ମାର ଧର କରିବା ସହ କାଗଜପତ୍ର ଓ ତାଙ୍କ ପୋଷାକ ଛିଣ୍ଡାଇ ଦେଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ବନପାଳ କେନ୍ଦୁଝର ଡିଏଫଓଙ୍କୁ ଫୋନ ଯୋଗେ ଜଣାଇଥିଲେ। ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ହରିଚନ୍ଦନପୁର ଥାନାରେ ମଙ୍ଗଳବାର ରାତି ରେ ଲିଖିତ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏଥି ସହ ଅଭିଯୋଗ ହୋଇଥିବା ଉକ୍ତ ମୋଟରସାଇକେଲ ନମ୍ବରଟି କେନ୍ଦୁଝର ଅଞ୍ଚଳର ଗୋଟିଏ ୩ଚକିଆ ଅଟୋ ରିକ୍ସାର ବୋଲି ଜଣାପଡିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି । ଉକ୍ତ ଅଞ୍ଚଳରେ ମାଫିଆ ମାନେ ଚୋରା କାଠ କାରବାର କରିଆସୁଥିବା ବେଳେ ଏହି ପଛରେ ସ୍ଥାନୀୟ ପ୍ରଭାବଶାଳୀ ମାଫିଆଙ୍କ ହାତ ରହିଥିବା ଜଣାପଡିଛି। ତେବେ ଜଣେ କର୍ତ୍ତବ୍ୟ ରତ ଓ ମହିଳା କର୍ମଚାରୀଙ୍କ ଉପରେ ଏଭଳି ଆକ୍ରମଣକୁ ପୋଲିସ କିପରି ପଦକ୍ଷେପ ଗ୍ରହଣ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏନେଇ ହରିଚନ୍ଦନ ପୁର ଥାନା ଅଧିକାରୀ ସୂର୍ଯ୍ୟ ନାରାୟଣ ଦାସ କହିଛନ୍ତି ଯେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

# ୭ ଦିନ କହି ୨୦ ଦିନ ପରେ ବି ମିଳୁନି ରିପୋର୍ଟ

**ଚମ୍ପୁଆ, ୧୩।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ନିଦାନ ପକ୍ଷରୁ ନିଃଶୁଳ୍କ ରୋଗ ନିରୂପଣ ସେବା ଆରମ୍ଭ ହୋଇଥିଲା। ଏହି ସେବା ୩୩୩ ଜଣଙ୍କୁ ଯୋଗାଇ ଦିଆଯାଇଥିଲା । ହେଲେ ଆଜିପର୍ଯ୍ୟନ୍ତ ରିପୋର୍ଟ ନ ପାଇ ଉପଖଣ୍ଡ ଚିକିତ୍ସାଳୟକୁ ରୋଗୀମାନେ ଧାଉଁଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ, ଗତମାସ ୨୨ ତାରିଖରେ ନିଦାନ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ନିଃଶୁଳ୍କ ରୋଗ ନିରୂପଣ ସେବା ଯୋଗାଇ ଦେବା ପାଇଁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ଲୋକଙ୍କୁ ସ୍ୱାସ୍ଥ୍ୟଗତ ସଚେତନ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ପରେ ୩୩୩ ଜଣଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ କେନ୍ଦୁଝରକୁ ପଠାଯାଇଥିଲା । ୭ ଦିନ ଭିତରେ ଏହାର ରିପୋର୍ଟ ମିଳିବ ବୋଲି କହି ପେରିଫେରିୟାଲ ବ୍ଲଡ୍ ସ୍ମିଏର, ଥାଇରଏଡ, ବ୍ଲଡ ସୁଗାର, ବ୍ଲଡ କଲ୍ଚର, ୟୁରିନ କଲ୍ଚର ଆଦିର ନମୁନା ସଂଗ୍ରହ କରାଯାଇଥିଲା । ଏ ମଧ୍ୟରେ ୨୦ ଦିନ ହୋଇଥିଲେ ମଧ୍ୟ ନିଦାନ ପକ୍ଷରୁ ନମୁନା ସଂଗ୍ରହ କରାଯାଇଥିବା ଲୋକଙ୍କୁ ରିପୋର୍ଟ ମିଳିପାରି ନ ଥିବା ବେଳେ ଲୋକମାନେ ଦୈନିକ ଚିକିତ୍ସାଳୟ ଆସି ଫେରୁଥିବା ଦେଖିବାକୁ ମିଳୁଛି । ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି । ଏ ନେଇ ଲିଆସନିଙ୍ଗ ଅଫିସର ଅସିତ୍ କୁମାର ନାଏକଙ୍କୁ ପଚାରିବାରୁ ମେଶିନ ଖରାପ ଯୋଗୁ ରିପୋର୍ଟ ଦିଆଯାଇପାରି ନ ଥିଲା। ତୁରନ୍ତ ଏହା ରୋଗୀଙ୍କୁ ପ୍ରଦାନ କରାଯିବ।

# ଭିଭିପିଏଟି ମେଶିନର ଡେମୋ ମକ୍‌ପୋଲ

**ଯୋଡ଼ା,୧୩।୩(ଡି.ଏନ.ଏ.)**

ଯୋଡ଼ା ପୌରପାଳିକାରେ ବୁଧବାର ସକାଳ ୯ଟାରେ ଭିଭିପାଟ ମେଶିନର ଡେମୋ ପ୍ରଦର୍ଶିତ ହୋଇଯାଇଛି । ଏଥିପାଇଁ ଇଲେକ୍ସନ କମିଶନଙ୍କ ପକ୍ଷରୁ ଏଲଇଡ଼ି ସ୍କ୍ରିନ ସଂଯୋଗୀକୃତ ଏକ ଭ୍ୟାନ ଯୋଡ଼ାରେ ପହଁଚିଥିଲା। ଭିଡିଓ ମାଧ୍ୟମରେ ଲୋକଙ୍କୁ ଭିଭିପାଟ ମେଶିନ ସଂପର୍କରେ ବିସ୍ତୃତ ଭାବେ ବିବରଣୀ ପ୍ରଦାନ କରାଯିବା ସହିତ ଡେମୋ ଭିଭିପାଟ ମେଶିନ ଦ୍ୱାରା ମକପୋଲ କରାଯାଇଥିଲା। ସ୍ଥାନୀୟ ଭୋଟର ଏଥିରେ ଯୋଗ ଦେଇ ଭିଭିପାଟ ମେଶିନ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଇଭିଏମ ଭୋଟିଂ ମେଶିନରେ ଭୋଟ ବଟନ ଦବାଇବା ମାତ୍ରେ ଯେଉଁ ପ୍ରାର୍ଥୀକୁ ଭୋଟ ଦେଇଛନ୍ତି ତାହା ୭ସେକେଣ୍ଡ ପାଇଁ ଏହି ମେଶିନରେ ଦେଖାଇଥାଏ। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଚଳିତ ନିର୍ବାଚନରେ ସମସ୍ତ ବୁଥରେ ଏହି ଭିଭିପାଟ ମେଶିନର ପ୍ରୟୋଗ କରାଯିବ ବୋଲି ଇଲେକ୍ସନ କମିଶନ ଘୋଷଣା କରିଛନ୍ତି। ଏହି ଡେମୋ ମକ୍‌ପୋଲ ସମୟରେ ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ, ପୌରଯନ୍ତ୍ରୀ ଭକ୍ତବନ୍ଧୁ ମହାନ୍ତ, ପରିମଳ ଅଧିକାରୀ ରାଜେନ୍ଦ୍ର ମିଶ୍ର, ପୂର୍ବତନ ଉପନଗରପାଳ ପୁରୁଷୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଭିଭିପିଏଟି ମେଶିନର ଡେମୋ ପ୍ରଦର୍ଶନ କରାଯାଉଛି।

# ଆଦର୍ଶ ଆଚରଣବିଧି କଡ଼ାକଡ଼ି ହେବ

**ଉପଜିଲାପାଳଙ୍କ ଖବରଦାତା ସମ୍ମିଳନୀ**

**ଚମ୍ପୁଆ, ୧୩।୩ (ଡି.ଏନ.ଏ.)**

୨୦୧୯ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଏବଂ ଶୃଙ୍ଖଳିତ କରାଯିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଉପଜିଲାପାଳ ପାରୁଲ ପଟାୱରୀ ସୂଚନା ଦେଇଛନ୍ତି। ବୁଧବାର କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଖବର ଦାତା ସମ୍ମିଳନୀରେ ଉପଜିଲାପାଳ ଏହି ସୂଚନା ଦେଇଥିଲେ। ଉକ୍ତ ବୈଠକରେ ଗଣମାଧ୍ୟମର ପ୍ରତିନିଧିଙ୍କ ସହ ଭାବବିନିମୟ କରିବା ସହିତ ସାଧାରଣ ନିର୍ବାଚନ ପ୍ରକ୍ରିୟାକୁ କିପରି ଶୃଙ୍ଖଳିତ ଭାବେ କରାଯାଇପାରିବ ସେ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଉପଜିଲାପାଳଙ୍କ ଅନୁସାରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିବା ବେଳେ ଚମ୍ପୁଆ ଓ ପାଟଣା ନିର୍ବାଚନ ପାଇଁ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇଛି। ସେହି ଅନୁଯାୟୀ, ପ୍ରାଥମିକ ପର୍ଯ୍ୟାୟରେ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଲାଗିଥିବା ସରକାରୀ ଏବଂ ବେସରକାରୀ ହୋର୍ଡିଂକୁ ଉଠାଇ ଦିଆଯାଇଛି। ଚମ୍ପୁଆ ଉପଖଣ୍ଡ ଅଧୀନରେ ଯାଉଥିବା ପାଟଣା (୨୩)ଓ ଚମ୍ପୁଆ(୨୫) ନିର୍ବାଚନମଣ୍ଡଳୀର ଭୋଟ ତାରିଖ ଅପ୍ରେଲ ୨୩ତାରିଖକୁ ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୨୮ ତାରିଖରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଗ୍ରହଣ କରାଯିବ। ମାସର ଦ୍ୱିତୀୟ, ଚତୁର୍ଥ ଶନିବାର ଓ ରବିବାର ଦିନରେ ପ୍ରାର୍ଥୀପତ୍ର ଗ୍ରହଣ କରାଯିବ ନାହିଁ। ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସାରା ରାଜ୍ୟରେ ବ୍ୟୟ ସାପେକ୍ଷ ନିର୍ବାଚନମଣ୍ଡଳୀ ଭାବେ ପରିଚିତ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ଏହା ଉପରେ ରୋକ୍ ଲଗାଇବାକୁ ଆଗାମୀ ଦିନରେ ଫ୍ଲାଇଂ ସ୍କ୍ୱାର୍ଡ ଗଠନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଇଭିଏମ୍ ଓ ଭିଭିପାଟ ରଖାଯିବାକୁ ସ୍ଥିର କରାଯାଇଥିବାବେଳେ ସେଠାରୁ ନିର୍ବାଚନ ପ୍ରକ୍ରିୟା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ। ନିର୍ବାଚନ ପ୍ରକ୍ରିୟା ସମୟରେ ସେଠାରେ ବହୁ ସଂଖ୍ୟାରେ ପୋଲିସ କର୍ମଚାରୀ ମୁତୟନ କରାଯିବ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ରହି ଏହି ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବେ ବୋଲି ମତବ୍ୟକ୍ତ କରିଥିଲେ। ଏପ୍ରିଲ ୫ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ଏପ୍ରିଲ ୮ ତାରିଖ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରାର୍ଥୀଙ୍କ ସମେତ ୫ଜଣ ବ୍ୟକ୍ତି ପ୍ରାର୍ଥୀପତ୍ର ଦାଖଲ ସମୟରେ ଉପସ୍ଥିତ ରହିପାରିବେ। ଭୋଟ ସମୟରେ ଭିନ୍ନକ୍ଷମ ଭୋଟରଙ୍କ ଭୋଟଦାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେମାନଙ୍କୁ ଗାଡ଼ିରେ ଅଣାଯିବାର ବ୍ୟବସ୍ଥା କରାଯାଇଥିବାବେଳେ ସେମାନଙ୍କୁ ଭୋଟ ଦେବା କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି କହିଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ ବହୁ ବରିଷ୍ଠ ଖବରଦାତାଙ୍କ ସମେତ ସହକାରୀ ଜିଲାପାଳ ସପନ କୁମାର ସାହୁ, ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।